ଗାନ୍ଧାରୀ ଓ କୁନ୍ତୀଙ୍କର ବିବାଦ
ବଦୟନ୍ତି ବଇବସୁତ ମନୁ ଶୁଣିମା ଅଗସ୍ତି ହେ
କଥାୟେ ପଚାରିବି ବଡାଇ ସନ୍ଦେହେ । ୧ ।
ବିଦ୍ୟା ପରୀକ୍ଷ କଥା ଶୁଣିଲି ମୁହିଂ ଭଲେ
ୟେଥୁଂ ଉତ୍ତାରେଣ ପୁଣ କେବଣ କୃତ୍ୟ କଲେ । ୨ ।
କୋଇନ୍ତା ଗାନ୍ଧାରୀର ବିବାଦ ବାରତା
ବଦୟନ୍ତି ଅଗସ୍ତି ଶୁଣ ମନୁ ମହାରଥୀ । ୩ ।
ବସନ୍ତ ଋତୁ ଯେ ଫାଲଗୁନ ମାସ
କୃଷ୍ଣପକ୍ଷ ସପତମୀ ଆଦିତ୍ୟ ଦିବସ । ୪ ।
ଗାନ୍ଧାରୀ କୋଇନ୍ତା ଏହୁ ବେନି ଯାୟେ
ଯମୁନା ନଦୀକି ସେ ପ୍ରାତସ୍ନାନ କରି ଗୟେ । ୫ ।
---------
୫ ।୨ ଯାୟେ-ଯାତା-ଭାଇଙ୍କର ସ୍ତ୍ରୀ

ସୁବର୍ଣ୍ଣର ହାନ୍ଦୋଳାରେ ବିଜୟେ ଗାନ୍ଧାରୀ
ତୁଲେଣ ଅଛନ୍ତି ଅନେକ ଦାସୀ ପରିବାରୀ । ୬ ।
ଅଗର ଚନ୍ଦନ ଯେ କର୍ପୂର କସ୍ତୁରୀ
କୁଶ ଅଗ୍ର ଗୁଗୁଳ ନଇବେଦ୍ୟ ଆଦି କରି । ୭ ।
ଆଲଟ ଚାମର ଯେ ଘେନିଣ ଯୁବତୀ
ବିଶ୍ୱନାଥ ଭଗତି ନିମନ୍ତେ ଯମୁନା କୂଳକଇଂ ଚଳିଣ ଯାଆନ୍ତି । ୮ ।
କୋଇନ୍ତାୟେ ଦେବୀ ଯାଆନ୍ତି ୟେକାଙ୍ଗେ
ପୁଷ୍ପ ନଇବେଦ୍ୟ ଘେନି ଚଳନ୍ତି ସେ ବେଗେ । ୯ ।
ଯମୁନା ଜଳେ ପଶି ନିତ୍ୟ କର୍ମ ସାରି
ରତ୍ନେଶ୍ୱର ପ୍ରାସାଦେ ପଶିଲେ ଗାନ୍ଧାରୀ । ୧୦ ।
ହାନ୍ଦୋଳାରୁ ଓହ୍ଲାଇ ଗାନ୍ଧାରସେନ ଦୋହିତୀ
ବିଶ୍ୱନାଥ ଦ୍ରଶନେ ଗମଇ ରାଧେବ କନ୍ୟା ଅଛି କତି । ୧୧ ।
ୟେମନ୍ତ ସମୟେ କୋନ୍ତଭୋଜର ଦୁଲାଳୀ
ଦେଉଳେ ପ୍ରବେଶ କରେ ଘେନି ଅର୍ଘ୍ୟସ୍ଥାଳୀ । ୧୨ ।
ରାଧେବୀ ଜଣାଇଲା ଯେ ଗାନ୍ଧାରୀଙ୍କର ଅଗ୍ରତେ
କୋନ୍ତାୟେ ବିଜେ କଲେ ତୁମ୍ଭର ସଙ୍ଗତେ । ୧୩ ।
ଗାନ୍ଧାରୀ ବୋଇଲେ କୋଇନ୍ତାଦେବୀ ଚାହିଂ
କି ନିମନ୍ତେ ପ୍ରାସାଦକୁ ଅଇଲୁସି ତୁହି । ୧୪ ।
ଯାବତ କାଳେ ୟେ ଲିଙ୍ଗ ଅଟଇ ମୋହୋର
ତୁ କି-। ପୂଜିବୁ ହୀନ ଜୀବନ ତୋହୋର । ୧୫ ।
ଯେବଣ ନାରୀ ଅଟନ୍ତି ଭ୍ରଥା ଯେ ବିଯୋଗୀ
ସମସ୍ତ କାର୍ଯ୍ୟକୁ ସେ ଅଟଇ ଅଲାଗୀ । ୧୬ ।
ପ୍ରସ୍ତାପ ବାକ୍ୟେଣ ଅନେକ ବୋଲା ବୋଲି
ହାବୋଡା ହାବୋଡି ହୋଇଣ ହୋଇଲେ ପେଲା ପେଲି । ୧୭ ।
ବେନି କୁଳ ଅପ୍ରୀତି ଦେଖିଣ ବିଶ୍ୱନାଥ
ଦୁଇ ଯାଆଙ୍କର ସେ ମିଳିଲେ ଅଗ୍ରତେ । ୧୮ ।
ବଦୟନ୍ତି ଶଶିଧର ମର କିସ ପାଇଂ
ଆମ୍ଭେ ଦେବତାୟେ କାହାର ନୋହୁଂ ଆଇ । ୧୯ ।
ଯହିଂ ଭୋଗ ପାଇଂ ତହିଂ ଆମ୍ଭେ ଥାଇଂ
ଅକାରଣ କଥାରେ ତୁମ୍ଭର କଳି କିସ ପାଇଂ । ୨୦ ।
ପ୍ରଭାତେ ସୁବର୍ଣ୍ଣ ଶତେ ଚ-। ଘେନି ଆଗେ ଯେ ପୂଜଇ

ଆମ୍ଭେ ତାହାର ହୋଇଲୁ ବୋଇଲେ ଦେବରାଜଇ । ୨୧ ।
ନ ପୂଜି ବେନି ଯାୟେ ନବରେ ପ୍ରବେଶ
କୋଇନ୍ତାୟେ ବୋଇଲେ ମୁ କରିବଇଂ କିସ । ୨୨ ।
ଶତେକ ପୁତ୍ର ତାହାର ପୁଷ୍ପେ ପୁଷ୍ପେ ମାଗନ୍ତେ
ଶତେକ ପୁଷ୍ପ ତ ହୋଇବାକ ଯୁଗତେ । ୨୩ । ସଂଖ୍ୟା
ସର୍ବେ ମୋହୋର ପଞ୍ଚଗୋଟି ତନୟେ
ପଞ୍ଚାଣୋଇ ଗୋଟି କାହୁଂ ହୋଇବ ଉପାୟେ । ୨୪ । ସଂଖ୍ୟା
ଶୁଣ ହୋ ମହାରାଜା କବାଟ କିଳି ଶୁତିଲେ କୋନ୍ତାୟେ
ୟେମନ୍ତର ସମୟେ ମିଳିଲା ଧନୁର୍ଜୟେ । ୨୫ ।
ମାତାକଇ ଅନ୍ନ ମାଗିଲା ପାଥ ଯାଇଂ
ଉଠିଣ କୋଇନ୍ତାୟେ ବୋଇଲେ ଅର୍ଜୁନକୁ ଚାହିଂ । ୨୬ ।
ଆଜ ବାବୁ ଗଲି ମୁଂ ମହାଦେବ ଦ୍ରଶନେ
ଗାନ୍ଧାରୀ ଅନେକ ଝିଂଘାସିଲା ଶୁଣ ଫାଲଗୁନ୍ୟେ । ୨୭ ।
ବୋଇଲା ଆମ୍ଭର ଦେବତା ୟେ ଅଟଇ କାଳେ କାଳେ
ତୁ କି- । ପାମେରୀ ପଶିଲୁ ଦେଉଳେ । ୨୮ ।
ୟେତେକ ବଚନେ ମୁଂ ପାଇଲି ଅପମାନ
ଦୁହିଙ୍କର ଅଗ୍ରତେ ଉଭା ହୋଇଲେ ତ୍ରିଲୋଚନ । ୨୯ ।
ତୁମ୍ଭେ କନ୍ଦଳ ଗୋ ନ କର ବେନି ଯାୟେ
ଆମ୍ଭର ମୁଖରୁ ତୁମ୍ଭେ ଶୁଣସି କଥାୟେ । ୩୦ ।
ଆଜ୍ଞା ଦିଲେ ଦେବ ବଚନ ନିରାଧାରି
ସୁବର୍ଣ୍ଣ ଶତେ ଚ- । ଘେନି ଯେ ପୂଜଇ ଆମ୍ଭେ ହୋଇବୁ ତାହାରି । ୩୧ ।
ତାହାର ଶତେ ପୁତ୍ର ସେ ସତେ ଚ- । ପାଇବ
ମୋର ପାଞ୍ଚ ପୁତ୍ର ସେ ପାଞ୍ଚ ପୁଷ୍ପ ହିଂ ହୋଇବ । ୩୨ । ସଂଖ୍ୟା
ପଞ୍ଚାଣୋଇ ପୁଷ୍ପ କାହୁଂ ଆଣିବି ମୁହିଂ
ୟେ କଥା ମନେ ଗୁଣି କବାଟ ବିନ୍ଧିଲଇଂ । ୩୩ । ସଂଖ୍ୟା
-------
୩୩ ।୨  ୟେ କଥା ମନେ ଗୁଣି କବାଟ କିଳିକଇଂ ।

ଯାହା ସେ ଧାତା କଲାକ ଲିଖିତ
ଭ୍ରଥା ବିୟୋଗେ ମୁଂ ହୋଇଲି ଅମହତ । ୩୪ ।
ୟେତେ ବୋଲିଣ ସେ ଭୋଜରାଜାର ଦୁହିତା
ଉଚ୍ଚେ ରୋଦନ କଲେ ମନରେ ମହାଚିନ୍ତା । ୩୫ ।
ଅର୍ଜୁନ ବୋଇଲେ ମାତା ଚିନ୍ତା ନ କର
ସୁବର୍ଣ୍ଣ ପୁଷ୍ପ ସିନା, ଭ୍ରାନ୍ତି ମନେ ନ ଧର । ୩୬ ।
କନକ ଶତେ ପାଖୁଡ଼ା ହୋଇଥିବ ଶତେ ଦଳ
ସୁବର୍ଣ୍ଣେ ସୁବର୍ଣ୍ଣେ କାଲି ପୂରୋଇବି ଦେଉଳ । ୩୭ । ସଂଖ୍ୟା
ଅର୍ଜୁନ ବଚନେ ବେଗି ଉଠି କୋନ୍ତୀ ମାତ
ସୁବର୍ଣ୍ଣର ପଇଲମେ ଦିଲେ ଦଧି ଅନ୍ନ ଘୃତ । ୩୮·
ଯେ ଯାହାର ଇଚ୍ଛାୟେ ସ୍ନାହାନ ଭୋଜନ ସାରି
ସୁଖେ ପଞ୍ଚବୀରେ ନିଦ୍ରା ଅପହରି । ୩୯ ।
ୟେଥୁ ଅନନ୍ତରେ ରୟେଣୀ ପ୍ରଭାତ
ବିମଳ ସୁଶୀତଳ ବହଇ ମରୁତେ । ୪୦ ।
ପ୍ରାସାଦମାନଙ୍କରେ ଶଙ୍ଖ ଧ୍ବନି ଫୁରି
ନିଦ୍ରା ତେଜି ଉଠିଲେ ଭୋଜରାଜାର କୁମାରୀ । ୪୧ ।
ପୁତ୍ରକଇ ଡୋଳି ଦେବୀ ବଚନ ସମ୍ଭାଷି

ଶୁଣିଣ ଅର୍ଜୁନ ଉଠିଣ ବେଗେ ଆସି । ୪୨ ।
ସୁବର୍ଣ୍ଣର ପାତ୍ରେ ଦେବୀ ଯୋଗାଡନ୍ତ ଲାଇ
ମାତା ପୁତ୍ର ଚଳି ଗଲେ ସେ ଲିଙ୍ଗ ଠାବକଇ । ୪୩ ।
ଯମୁନା ଜଳେ ପଶି କଲେକ ସ୍ନାହାନ
ତର୍ପଣ ସାରି ପ୍ରାସାଦ ଭିତରେ ପଶିଲେ ବେନି ଜନ । ୪୪ ।
ଅଗର କର୍ପୂର କସ୍ତୁରୀ ଲେପନ ହାଦେ କରି
ଚ– । ନାଗେଶ୍ୱର ବକୁଳ ଶିରେଣ ଉଭାରି । ୪୫ ।
ବହୁତ ବିଧି ଯେ ଶୀତଳ ଦ୍ରବ୍ୟମାନ
ଅଗ୍ରତେ ଥୋଇ ଦେବୀ ହୋଇଲେ କାର୍ପୂଣ୍ୟ । ୪୬ ।
କରପତ୍ର ଯୋଡି ସ୍ତୁତି କଲେକ ଅପାର
ଜୟ ତୁ ଉମାପତି ଦେବ ତୁ ସେ ଚନ୍ଦ୍ରଶେଖର । ୪୭ ।
ଜୟ ତୁ ବିଶ୍ୱେଶ୍ୱର କପାଳଧର ପାଣି
ସୁର ସିଦ୍ଧ ମୁନି ଯାହାର ଚରଣେ ପରିଣାମି । ୪୮ ।
ଷାଠିୟେ ସହସ୍ର ବରଷ ସମର ଘୋର ଯୁଦ୍ଧ
ଗଣନାଥ ପ୍ରସନ୍ନେ ତ୍ରିପୁର କଲୁ ବଧ । ୪୯ । ସଂଖ୍ୟା
ତ୍ରିପୁରାରି ବୋଲି ତୋତେ ସଂସାରେଣ ଭାଷି
ମମ କଷ୍ଟ ଉଦ୍ଧାରଣ କର ଦେବ କାଶୀ । ୫୦ ।
ଭ୍ରଥାର ବିଯୋଗେ ମୁହିଂ ଅଟଇ ଅନାସ୍ଥୁଣୀ
ତବ ପଦ୍ମ ପାଦେ ମୋର ଶତେକ ଦଇନି । ୫୧ ।
ଜୟ ଜୟ ପାର୍ବତୀର ପ୍ରାଣନାଥ ଦେବ ହର
ମୁହିଂ ନିରିମାଖୀ ମୋତେ କର ପ୍ରତିକାର । ୫୨ ।
ଶ୍ରୀ ବିଶ୍ୱନାଥ ପାଦପଦ୍ମେ ମୋହୋର ମାଥ
ବଦୟନ୍ତି ସାରୋଳା ଦାସ ମୁଂ ଜନ୍ମେ ଜନ୍ମେ ତୋହୋର ଭୃତ୍ୟ । ୫୩ ।
-------

୪୮ ଠାରୁ ୫୩ ମଧ୍ୟରେ ଅଧିକା ପାଠ–
ଜୟୁ ତୁ ତ୍ରିୟମ୍ବକ ଧର୍ମେଣ ନାଟେଶ୍ୱର
ଜୟୁ ତୁ ଉମା ଦେବୀ ବଲ୍ଲଭ ଚନ୍ଦ୍ରଶେଖର ।
ଜୟ ତୁ ଲିଙ୍ଗେଶ୍ୱର ଉତ୍ତରାୟଣି
ଜୟ ତୁ ତ୍ରିତାପହର ଦେବ ଶୂଳପାଣି ।
ଉମାର କୋପରେ ଦକ୍ଷ ଯଜ୍ଞ ଭଞ୍ଜା
ଅନ୍ଧେକ ବିନାଶ ତ୍ରିପୁର ଗର୍ବ ଗଞ୍ଜା ।
ଷାଠିୟେ ସହସ୍ର ବରଷ ମହା ଯୁଦ୍ଧେ
ଗଣନାଥର ପ୍ରସନ୍ନେ ଅନ୍ଧେକ କରି ବଧେ ।
ତ୍ରିପୁରାରି ବୋଲି ତୋତେ ଜଗତରେ ଭାଷି
ମନ କଷ୍ଟ ସଙ୍କଟୁଂ ଉଦ୍ଧର ଦେବ କାଶୀ ।
ଭ୍ରଥା ବିଯୋଗେ ମୁଂ ହୋଇଲି ଅନାଥୁଣୀ
ତବ ପାଦ ପଙ୍କଜେ ମୋର ଶତେବାର ଦୟିନି ।
ଜୟ ତୁ ଜୟୁ ତୁ ପାର୍ବତୀ ପ୍ରାଣନାଥ ଦେବ ହର
ମୁଂ ହୀନ ନିର୍ମାକ୍ଷୀ ମୋତେ ପ୍ରତିକାର କର ।
ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ପାଦ ପଙ୍କଜେ ମୋର ଆଶ
ବଦନ୍ତି ସାରୋଳା ଦାସ ଜନ୍ମେ ଜନ୍ମେ ଅଭ୍ୟାସ ।

ପାଦ ଅର୍ଘ୍ୟ ନେଇ ସେ ମନୁ ମହାରାଜା
ଅଗସ୍ତିଙ୍କ ଚରଣେ ସେ କଲା ଦିବ୍ୟ ପୂଜା । ୫୪ ।
ଭୋ ଦେବ ଅର୍ଜୁନ ଗଲା ସୁବର୍ଣ୍ଣେଶ୍ୱର ଲିଙ୍ଗ ତହିଂ

କିସ କାରଣ ଯେ ପୁଣ ତହିଁ ହୋଇଲଇଂ । ୫୫ ।
ଶୁଣ ହୋ ରାଜନ ପାଥ ବାବଲ ଶରେକ ପେଷିଲା ପରଚଣ୍ଡ
ଅୟେହ୍ନା ଶିର ଛିଡି ହୋଇଲା ବେନି ଖଣ୍ଡ । ୫୬ ।
ପୁଣ ବାବଲେକ ବିନ୍ଧିଲାକ ବୀର
ପଦ୍ମ ବରଷିଲା ପାଣିର ସଙ୍ଗର । ୫୮ ।
ଅୟେହ୍ନା ଶିର ବୁଡି ସୁବର୍ଣ୍ଣ କୁଢ କୁଢ ହୋଇ ପଡି
ଶତେ ଶତେ ପାଖୁଡା ଅଷ୍ଟ ରତ୍ନେ ଜଡି । ୫୯ । ସଂଖ୍ୟା
ଶୁଣ ହୋ ରାଜା ଗାନ୍ଧାରୀ ଗଲା ଯେ ବହୁତ ପ୍ରତଜ୍ଞା କରି
ପୁତ୍ରନ୍ତ ବସି ପଚାରଇ କର ଯେ ପ୍ରସାରି । ୬୦ ।
ଯମୁନା କୂଳେ ଅଛନ୍ତି ଲିଙ୍ଗର ସୁବର୍ଣ୍ଣେ
ବାବୁ ମାନଗୋବିନ୍ଦ ତୁ ଶୁଣ ସାବଧାନେ । ୬୧ ।
ସେ ଲିଙ୍ଗ ଦ୍ରଶନେ ଗଲି କାଲି ମୁହିଂ
କୋଇନ୍ତାୟେ ଗଲେ ସେ ଲିଙ୍ଗକଇ ଦାହି । ୬୨ ।
ତାହାର ମୋହୋର ଯେ ହୋଇଲା ଉଛବାଚ
ମୁହିଂ ବୋଇଲି ତୋହୋର ୟେ କେବଣ ପରପଞ୍ଚ । ୬୩ ।
କାଳେ କାଳେ ୟେ ଲିଙ୍ଗ ଅଟଇ ମୋହୋର
ତୁ କିଂପା ଆସି ୟେହି ଲିଙ୍ଗର କତିର । ୬୪ ।
ୟେମନ୍ତ ଉଛବାଚ ଶୁଣି ବିଶ୍ୱବାସୀ
ଲିଙ୍ଗର ମଧ୍ୟୁ ଦେବ ବିଜେ କରି ଆସି । ୬୫ ।
ଆମ୍ଭ ଦୁହିଙ୍କର ଅଗ୍ରତେ ଉଭା ହୋଇ
ପରମାର୍ଥ ବଚନ କହିଲେ ଉମାସାଇଂ । ୬୬ ।
କାଲି ପ୍ରଭାତେ ଶତେକ ସୁବର୍ଣ୍ଣ ଚ- । ଘେନି
ୟେ ପୂଜା କରିବ କାଲି ପାହିଲେ ରଜନୀ । ୬୭ ।

-------

୬୨ ।୨  ଦାହି-ପୂଜା କରି ।

ଆମ୍ଭେ ତାହାର ସେ ହୋଇବୁ ନିୟତେ
ୟେସନେକ ବଚନ ସେ ବୋଇଲେ ବିଶ୍ୱନାଥେ । ୬୮ ।
ତୁମ୍ଭେ ମୋହୋର ଯେ ଅଟ ଶତ ପୁତ୍ର
ୟେଥକଇ ମୋତେ କାରଣ କରିବ ନିୟତ । ୬୯ ।
ଶୁଣି ମାନଗୋବିନ୍ଦ ପରମ ସାନନ୍ଦ
ଶତେ ଭ୍ରାଥ ତହୁଂ ସେ ଶତେ ଚ- । ଧରି ଆନନ୍ଦ । ୭୦ ।
ରଜନୀ ପ୍ରଭାତେ ଚଳଇ ଗାନ୍ଧାରୀ
ସୁବର୍ଣ୍ଣେଶ୍ୱର ଦେଉଳେ ବିଜେ ଯାଇଂ କରି । ୭୧ ।
ଶତେ ପରିବାରୀ ଅଛନ୍ତି ତାର ତୁଲେ
ଯମୁନା ତୀରରେ ଦେବୀ ବିଜୟେ ଯାଇଂ କଲେ । ୭୨ ।
ସ୍ନାନ ସାରି ଅଇଲେ ଦେବତା ଦ୍ରଶନ ପାଇ ।
ଦେଖିଲା ସୁବର୍ଣ୍ଣ ପୁଷ୍ପ ପଡିଛି କୁଢ କୁଢ ହୋଇ । ୭୩·
ଦେଖି ସେ ବିରସ ଯେ ହୋଇଲା ଗାନ୍ଧାରୀ
ଦେବ ଆଳ ଦେଖି ସେ ବାହୁଡଇ ଖର କରି । ୭୪ ।
ବାହୁଡିଣ ନଗରେ ସେ ପଶଇ ତୁରିତ
ମନେଣ ବିରସ ସରସ ନାହିଂ ଚିତ୍ତ । ୭୫ ।
ଗାନ୍ଧାରୀ ପ୍ରଶଂସଇ ଧନ୍ୟ କୋନ୍ତା ଦେବୀ
ଧନ୍ୟ ଲକ୍ଷଣେ ପୁତ୍ର ଜାତ କଲୁ ଧନ୍ୟ ତୁ ସାଧବୀ । ୭୬ ।
ଧନ୍ୟ ଧନ୍ୟ ତୋହୋର ପୁତ୍ର ଫାଲଗୁନି

ୟେସନେକ ପ୍ରଶଂସା କଲାକ କାମିନୀ । ୭୭ ।
ୟେମନ୍ତ ବିଚାରି ସେ ଗାନ୍ଧାରସେନର ଦୁହି
ମନରେ ବିକ୍ରିୟା ଧରି ସେ ହୋଇଲା ଚକିତ । ୭୮ ।
ୟେଥୁ ଅନନ୍ତରେ ଶୁଣ ଦିବ୍ୟ ରସ
ଯାହା ସେ କହିଲେ କୁମ୍ଭ ଋଷିର ଶିଷ । ୭୯ ।
ଦେବତାମାନେ କଲେକ ବହୁତ ସ୍ତୁତି
ଜୟ ତୁ ପାର୍ଥିବ ତୁ ତୋଷିଲୁ ଦେବୀ କୋନ୍ତୀ । ୮୦ ।
ସୁର ପୁରେ ଶୁଭିଲା ଜୟେ ଜୟେ
ଦେବତାୟେ ନାମ ଦିଲେ ଯେ ଧନଞ୍ଜୟେ । ୮୧ ।
--------
୭୮ ।୨ ବିକ୍ରିୟା-ବିକାର

ଧନରେ ତୋଷି ଧନର୍ଜୟେ ନାମ ପାଇଲା
ଶୁଣ ବଇବସୁତ ମନୁ ଅଗସ୍ତି କହିଲା । ୮୨ ।
ପଦ୍ମନିଧି କାଟିଲା ଯେ ଅର୍ଜୁନ ଚାପହସ୍ତ
ବାହୁଡି ସେ ନିଧି ହୋଇଲା କେମନ୍ତ । ୮୩ ।
ୟେଥିର ଚରିତ ମୋତେ କହ ତପୋବନ୍ତ
ଅଗସ୍ତି କହିଲେ ଶୁଣ ହୋ ମନୁ ମହତ । ୮୪ ।
ଦେବତାମାନେ ସ୍ତୁତି କଲେ ଅର୍ଜୁନକୁ
ଯେବଣ ସୁବର୍ଣ୍ଣ ଦିଲୁ ସୁବର୍ଣ୍ଣ ଲିଙ୍ଗକୁ । ୮୫ ।
ବାହୁଡାଇ ରତ୍ନମାନ ଥୋଅ ଧନୁର୍ଧର
କୁବେର ଭୁବନ ଯେ ନ କର ନାରଖାର । ୮୬ ।
ଦେବତାଙ୍କ ବଚନେ ଭୂମିରୁ ନାରାଜ ବିନ୍ଧିଲା
ବାହୁଡାଇ ରତ୍ନନିଧି କୁବେର ଭଣ୍ଡାରେ ଥୋଇଲା । ୮୭ ।
ପଦ୍ମକଇଂ ଯେ ଅଟଇ ଯେବଣ ନିଧି
ମହାକଳ୍ପ କୋଷ ସେ ଅଟଇ ପ୍ରସିଦ୍ଧି । ୮୮ ।
ଅହୋମୁଖୀ ନାରାଜ ପବନରୁ ଜାତ
ସେ ନିଧିର ଛଳୀ ହୋଇଲା ଜଡିତ । ୮୯ ।
ବାହୁଡି ସଂଘରିଲା ପଦ୍ମନିଧିର ଭିତରେ
ଅର୍ଜୁନର ମହିମା ତୁ ଶୁଣିଲୁ ନୃପବରେ । ୯୦ ।
ଶୁଣ ପରମ ସାନନ୍ଦ ମନୁ ମହାଗ୍ୟାଂତା
ଦେବକୁ ଦୁର୍ଲଭ ସେ ଅର୍ଜୁନର କଥା । ୯୧-୩୯୩୮ ।
*